# ବନ୍ଧକଟା ପଞ୍ଚାୟତରେ ପାନୀୟ ଜଳ ଅଭାବ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକଅନ୍ତର୍ଗତ ବନ୍ଧକଟା ଗ୍ରାମ ପଂଚାୟତରେ ପାନୀୟ ଜଳ ସମସ୍ୟା ଦେଖା ଦେଇଥିବାର ନେଇ କେତେକ ଗ୍ରାମବାସୀ ଗ୍ରାମୀଣ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କ ଅଭିଯୋଗ କରିଛନ୍ତି । ବନ୍ଧକଟା ପଂଚାୟତର ବୈକୁଣ୍ଠପୁର (ତେଲିଆକଣ) ଗ୍ରାମରେ ପ୍ରାୟ ୨ ହଜାର ଲୋକବାସ କରୁଥିବା ବେଳେ ପ୍ରବଳ ଗ୍ରୀଷ୍ମରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି । ଏହି ଗ୍ରାମର କେତେକ ଖଳ ପ୍ରକୃତିର ଲୋକ ଜଳ ଯୋଗାଣ ପାଇପ କୁ କାଟି ନିଜ ବିଲରେ ସଂଯୋଗ କରି ଚାଷ କରୁଥିବା ଗାଡି ଧୋଉଥିବା ଆଦି ଅଭିଯୋଗ ହୋଇଛି ।

ଏହି ଗ୍ରାମରେ ୫ ବର୍ଷ ତଳେ ଖୋଳା ଯାଇଥିବା ବୋରୱେଲରୁ ମିଳୁଥିବା ପାଣି ଗ୍ରାମବାସୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ । ଏହା ସହ ଆଖପାଖରେ ଥିବା ୨/୩ଟି ନଳକୂପ ଖରାପ ହୋଇ ଯାଇଥିବାରୁ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ତୁରନ୍ତ ଏହି ସମାସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ମାନେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେବା ସହ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ସରପଂଚ ଗୌତମ ମଲିକ, ମନୋରନ ସାହୁ, ପ୍ରଶାନ୍ତ କୁମାର ମୁଦୁଲି, ରନ କୁମାର ସାହୁ, ସତ୍ୟନ୍ଦ୍ର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି ।

# ୫ ୱାରେଣ୍ଟିଙ୍କୁ ପଳାତକ ଘୋଷଣା କଲା ପୋଲିସ




ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଥାନା ଅଞ୍ଚଳରେ ବିଭିନ୍ନ ମାମଲାରେ ସଂପୃକ୍ତ ୫ଜଣ ଅଭିଯୁକ୍ତ ପୋଲିସର ଗିରଫଦାରୀକୁ ଦୀର୍ଘ ଦିନହେବ ଏଡାଇ ଫେରାର ଥିବାରୁ ଶୁକ୍ରବାର ଦିନ ବଡଚଣା ପୋଲିସ ସେମାନଙ୍କୁ ପଳାତକ ଘୋଷଣା କରିଛ । ସିଆରପିସି ଧାରା ୮୨ ଆଧାରରେ ବଡଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ସଦଳବଳେ ସଂପୃକ୍ତ ୫ଜଣ ଅଭିଯୁକ୍ତଙ୍କ ଘରକୁ ଯାଇ ସ୍ଥାନୀୟ ଜଣାସୁଣା ବ୍ୟକ୍ତିଙ୍କ ଉପସ୍ଥିତିରେ ଡେଙ୍କୁରା ପିଟି ସେମାନଙ୍କୁ ପଳାତକ ଘୋଷଣା ଯାରୀ କରିଥିଲେ ।

ଏହି ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପୋଲିସ ତାଙ୍କ ଘର ସହିତ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା ବେଳେ ସେମାନେ ଲୁଚି ରହିଥିଲେ । ପୋଲିସ ଓ କୋର୍ଟଙ୍କ ବାରମ୍ବାର ନୋଟିସ ସତ୍ତ୍ୱେ ସେମାନେ ଆତ୍ମ ସମର୍ପଣ କରିନଥିଲେ! ଫଳରେ କୋର୍ଟ ପକ୍ଷରୁ ସେମାନଙ୍କ ବିରୁଦ୍ଧରେ ଯାମିନବିହୀନ ଗିରଫ ପରଆନା ଯାରୀ କରାଯାଇଥିଲା । ତଥାପି ସପୃକ୍ତ ଅଭିଯୁକ୍ତ ମାନେ ଆତ୍ମ ସମର୍ପଣ କରିନଥିଲେ । ଫଳରେ ବଡଚଣା ପୋଲିସ ପକ୍ଷରୁ ଏହି ଅଭିଯୁକ୍ତ ମାନଙ୍କୁ ପଳାତକ ଘୋଷଣା ପାଇଁ ଅନୁମତି ଦେବାକୁ କୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା । ତେବେ ପୋଲିର ଆବେଦନକୁ କୋର୍ଟ ମଞ୍ଜୁର ଦେବାପରେ ବଡଚଣା ପୋଲିସ ଏହି ଅଭିଯୁକ୍ତ ମାନଙ୍କୁ ପଳାତକ ଘୋଷଣା କରିଥିବା ଜଣାପଡିଛି । ପଳାତକ ଘୋଷିତ ହୋଇଥିବା ଏହି ଅଭିଯୁକ୍ତ ମାନେ ହେଉଛନ୍ତି, ଦର୍ପଣଗଡ ଗ୍ରାମର ସେକ ଆସକଙ୍କ ପୁଅ ସେକ ଅଖତାର, ବନ୍ଦାଳ ଗ୍ରାମର ମକୁ ସ୍ୱାଇଁଙ୍କ ପୁଅ ଗୋକୁଳାନନ୍ଦ ସ୍ୱାଇଁ, ଅହମଦପୁର ଗ୍ରାମର ରମେଶଚନ୍ଦ୍ର ସେଠୀଙ୍କ ପୁଅ କାହ୍ନୁ ଓରଫ କଙ୍କଜକୁମାର ସେଠୀ, ସକୁନ୍ତଳାପୁର ଗ୍ରାମର ସୁରେନ୍ଦ୍ର ସ୍ୱାଇଁଙ୍କ ପୁଅ ରବିନ୍ଦ୍ର ସ୍ୱାଇଁ ଏବଂ ସୁଖାଦେଇପୁର ଗ୍ରାମର ପରିକ୍ଷୀତ ମହାରଣାଙ୍କ ପୁଅ ସନ୍ତୋଷ କୁମାର ମହାରଣା ଓରଫ କାଳିଆ ।

ତେବେ ଏହାପରେ ଯଦି ଏହି ଅଭିଯୁକ୍ତ ମାନେ ଆତ୍ମ ପୋଲିସ ବା କୋର୍ଟରେ ଆତ୍ମସମର୍ପଣ ନକରନ୍ତି ତେବେ ସିଆରପିସି ଧାରା ୮୩ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଭାବେ ସଂପୃକ୍ତ ଅଭିଯୁକ୍ତ ମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତି କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ ଏପରି ଚରମ କାର୍ଯ୍ୟାନୁଷ୍ଠାନ ବଡଚଣା ଥାନା ସମେତ ଯାଜପୁର ଜିଲ୍ଲାରେ ବିରଳ ବୋଲି ଆଲୋଚନା ହେଉଛି । ପୋଲିସର ଏପରି ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ଅସାମାଜିକ ତତ୍ତ୍ୱ ମାନଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି ।

# ବାଇକ୍‌-ସ୍କୁଟି ଧକ୍କା, ଜଣେ ଗୁରୁତର

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ନିକଟରେ ଶୁକ୍ରବାର ଦିନ ସକାଳ ୧୦ଟା ସମୟରେ ଏକ ବାଇକ ଓ ସ୍କୁଟି ମଧ୍ୟରେ ଧକ୍କା ଲାଗିବା ଫଳରେ ସ୍କୁଟି ଆରୋହୀ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରକାଶଯେ କଟକରୁ ଏକ ସ୍କୁଟି (ଓଡ଼ି୦୫ଏଜେଡ଼ ୧୮୯୫)ରେ ଭାଗ୍ୟଶ୍ରୀ ସାହୁ ତାଙ୍କ ଭାଇ ମିଳନଙ୍କ ସହିତ ପାଣିକୋଇଲି ଆସୁଥିବା ବେଳେ ଅନ୍ୟ ଏକ ବାଇକ (ଓଡ଼ି୩୪ ଡ଼ି ୮୨୪୫)ରେ ପ୍ରଦୀପ ମଲ୍ଲିକ ନାମକ ଜଣେ ବ୍ୟକ୍ତି ହାଟସାହିରୁ ଚଢେଇଧରା ଅଭିମୁଖେ ଯାଉଥିଲେ । ତେବେ୍ ପ୍ରଦୀପ ସର୍ଭିସ ରୋଡ଼ର ରଙ୍ଗ ରୁଟରେ ଯାଉଥିବା ବେଳେ ଉଭୟ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଭାଗ୍ୟଶ୍ରୀଙ୍କ ମୁହଁ ରେ କ୍ଷତ ହେବା ସହିତ ଦାନ୍ତ ମାଡି ଭାଙ୍ଗି ଯାଇଥିଲା । ଖବର ପାଇ ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଂଚି ଭାଗ୍ୟଶ୍ରୀଙ୍କ ଆଣି ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

# ରାସ୍ତା ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ନେଲାନି ପାଟ୍ରୋଲିଂ ପୋଲିସ

ପାଣିକୋଇଲି, (ସବ୍ୟୁ) : ରାଜପଥରେ ଘଟୁଥିବା ଦୁର୍ଘଟଣାରେ କ୍ଷତାକ୍ତ ବ୍ୟକ୍ତି ମାନଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନାରେ ପହଂଚାଇବା ଲାଗି ସରକାରଙ୍କ ପରିବହନ ବିଭାଗ ଓ ଜିଲ୍ଲା ପ୍ରଶାସନ ପ୍ରତିବର୍ଷ ସ୍ୱେଚ୍ଛାସେବୀ ମାନଙ୍କୁ ପୁରସ୍କୃତ କରୁଛନ୍ତି । ଏଥି ସହିତ ଜିଲ୍ଲା ପୁଲିସକୁ ସହଯୋଗ କରିବା ଲାଗି ପେଟ୍ରୋଲିଂ ପୁଲିସକୁ ନିଯୁକ୍ତି ପ୍ରଦାନ କରିଥିବା ବେଳେ କିଛି ଅସାଧୁ କର୍ମଚାରୀଙ୍କ ଲାଗି ଜିଲ୍ଲା ପୁଲିସ ବଦନାମ ମୁଣ୍ଡାଉଛି । ତେବେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇ ରାସ୍ତା ଉପରେ ଯନ୍ତ୍ରଣାରେ ଗଡୁଥିବା ବେଳେ କାର୍ଯ୍ୟରତ ପେଟ୍ରୋଲିଂ ଅଧିକାରୀ ଉକ୍ତ ଆହତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାକୁ ସରକାରୀ ଗାଡ଼ିରେ ନେବାକୁ ମନା କରିଦେଇଥିଲେ ।

ପ୍ରକାଶଯେ ଏହି ଥାନା ଅନ୍ତର୍ଗତ ବଣହରା ଗ୍ରାମର ଜଣେ ବ୍ୟକ୍ତି ପାଣିକୋଇଲିରୁ ଏକ ବାଇକରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଡ଼ିଭାଇଡ଼ରରେ ପିଟି ହୋଇଯାଇଥିଲେ । ଫଳରେ ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା । ତେବେ ଉକ୍ତ ସମୟରେ ଖବର ପାଇ ରାଜପଥ ପେଟ୍ରୋଲିଂ ଅଧିକାରୀ ପ୍ରମୋଦ କୁମାର ବିନ୍ଧାଣୀ ଉକ୍ତ ସ୍ଥାନରେ ପହଂଚିଥିଲେ । ମାତ୍ର ସ୍ଥାନୀୟ ଲୋକଙ୍କ ଅନୁରୋଧ ସତ୍ତ୍ୱେ ମଧ୍ୟ ଉକ୍ତ ଆହତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାକୁ ନିଜ ସରକାରୀ ଗାଡ଼ିରେ ନେବା ଲାଗି ମନା କରିଦେଇଥିଲେ । ଫଳରେ ଘଟଣାସ୍ଥଳରେ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଦୁର୍ଘଟଣାସ୍ଥଳରେ ପହଂଚି ଉକ୍ତ ବ୍ୟକ୍ତିଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତେବେ ସରକାରଙ୍କ ଠାରୁ ଦରମା ପାଉଥିବା ତଥା ସରକାରୀ ଗାଡ଼ି ବ୍ୟବହାର କରୁଥିବା ଉକ୍ତ ଅଧିକାରୀଙ୍କର ଏପରି ମନୋଭାବ ପୁରା ପୁଲିସ ବିଭାଗ ମୁହଁରେ କଳା ବୋଳି ଦେଇଛି । ଏ ଦିଗରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି ।

# ବିଜେଡିରେ ମିଶିବା ପରେ ଅଂଶୁମାନ-ଧ୍ରୁବଙ୍କ ଶକ୍ତି ପ୍ରଦର୍ଶନ



ରାଜନଗର, (ସବ୍ୟୁ) : ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡା ଲୋକସଭା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ରାଜନଗର ଦେବୀ ମଣ୍ଡପରୁ ଗୁରୁବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ।

ବିଜୁ ଜନତା ଦଳର କେନ୍ଦ୍ରାପଡା ଲୋକସଭା ଆସନ ପାଇଁ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଗୁରୁବାର ରାଜନଗରରେ ମିଳିତ ଭାବେ ଶକ୍ତି ପ୍ରଦର୍ଶନ କରିଛନ୍ତି । ଅଂଶୁମାନ କଂଗ୍ରେସ ଛାଡି ବିଜୁ ଜନତା ଦଳରେ ସାମିଲ ହେବା ପରେ ଗତକାଲି ପ୍ରଥମଥର ପାଇଁ ରାଜନଗର ଗସ୍ତରେ ଆସିଥିଲେ । ମଦନପୁର କଲେଜ ଛକରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଉଭୟ ନେତାଙ୍କୁ ଦଳର କର୍ମୀମାନେ ଓ ବ୍ଲକ ସ୍ତରୀୟ ନେତା, ପଞ୍ଚାୟତ ସ୍ତରୀୟନେତା ମାନେ ସଭାସ୍ଥଳ କୁ ପାଛୋଟି ଆଣିଥିଲେ । ରାଜନଗର ଅଂଚଳର ଆରାଧ୍ୟ ଦେବତା ଗୋସିଗାଁର ବାବା ଗର୍ତ୍ତେଶ୍ୱର ମହାଦେବ ପୀଠରେ ପହଁଚି ପୂଜାର୍ଚ୍ଚନା କରିବା ସହ ଆର୍ଶ୍ରିବାଦ ଭିକ୍ଷା କରିଥିଲେ । ଏହାପରେ ଶୋଭାଯାତ୍ରାରେ ଆସି ବିଜୁ ପଟ୍ଟନାୟକ ଶିଶୁ ପ୍ରମୋଦ ଉଦ୍ୟାନରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ତ୍ରିନାଥବଜାର ଛକରେ ଥିବା ରାଜନଗରର ଭୂମିପୁତ୍ର ନଳିନୀ କାନ୍ତ ମହାନ୍ତି ଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ସେଠାରୁ ଶୋଭାଯାତ୍ରା କେରେଡାଗଡରେ ପହଁଚିଥିଲା । କେରେଡାଗଡସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଓ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମପୀଠ ଆଶ୍ରମରେ ପୂଜାର୍ଚ୍ଚନା କରିବା ସହ ଆର୍ଶ୍ରିବ । ଦ ଭିକ୍ଷା କରିଥିଲେ । ପରସ୍ପରର ପ୍ରତିଦ୍ୱନ୍ଦୀ ଧ୍ରୁବ ଅଂଶୁମାନ ଗୋଟିଏ ଦଳରୁ ପ୍ରାର୍ଥୀ ହେବା ପରେ ପ୍ରଥମଥର ପାଇଁ ଏକାସଙ୍ଗରେ ନିଜ ଜନ୍ମମାଟିକୁ ଆସିଥିବାରୁ ବାଟସାରା ସମର୍ଥକ ଓ ମହିଳାମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ଶ୍ରୀ ଦଧିବାମନଜୀଉଙ୍କ ଦର୍ଶନ କରି ଆର୍ଶ୍ରିବଛଦ ନେଇଥିଲେ । ଏହାପରେ ଦୁର୍ଗାଛ ମଣ୍ଡପରେ ମା ଦୁର୍ଗାଛଙ୍କୁ ଦର୍ଶନ କରିବା ପରେ ଉପସ୍ଥିତ କର୍ମୀ ଓ ସମର୍ଥକମାନଙ୍କୁ ଉଦ୍ବୋଧନ ଦେଇ ଦୁଇ ଭାଇ ମିଳିମିଶି ରାଜନଗରର ବିକାଶ କରିବେ ବୋଲି କହିଥିଲେ ।

# ହେନ୍ତାଳ ମହୋତ୍ସବ -୨୦୨୪

ମହାକାଳପଡ଼ା, (ସବ୍ୟୁ) : ଆଜି ହେନ୍ତାଳ ମହୋତ୍ସବ କମିଟି ଆନୁକୂଲ୍ୟରେ ଅଲେଖ ନାହାକାଣୀ ପୀଠ ନରସିଂହପୁର ଠାରେ ହେନ୍ତାଳ ପତ୍ରିକାର ସମ୍ପାଦକ ପରିବେଶବିତ୍ ହେମନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ହେନ୍ତାଳ ମହୋତ୍ସବ -୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ନୀଳମଣି ଲେଙ୍କା, ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବାବାଜୀ ଧଳ, ଶିକ୍ଷାବିତ୍ ମନୋରଞ୍ଜନ ତ୍ରିପାଠୀ, କବି ରାମକୃଷ୍ଣ ଦାସ, ମେଜର ଭରତ ଚନ୍ଦ୍ର ଜେନା, ଶ୍ରୀଧର କୁମାର ଭୋଳ, ସରୋଜକାନ୍ତ ବିଶ୍ୱାଳ, ନାରାୟଣ ପତି, ବନପାଳ ମହନ୍ତ କୁମାର ମଲିକ, ବନପାଳ ବିଭୂତି ଭୂଷଣ ତରାଇ ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ହେନ୍ତାଳ ପତ୍ରିକା ମଧ୍ୟ ଉନ୍ମୋଚନ କରାଯାଇଥିଲା । ପତ୍ରିକାର ସହ ସମ୍ପାଦକ ଶ୍ରୀଧର କୁମାର ଭୋଳ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଓ ପରିବେଶ ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବୟତ୍ରୀ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ କରାଯାଇଥିଲା । ପରିବେଶ ବିତ୍ କବି, କବୟତ୍ରୀ, ଶିକ୍ଷକ ମାନଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

କାର୍ଯ୍ୟକ୍ରମକୁ ନୃସିଂହ ଚରଣ ମଲ୍ଲ, ସ୍ୱପ୍ନାଂଶୁ ଦାସ, ବ୍ୟଙ୍ଗ କବି ଶ୍ରୀଧର କୁମାର ମହାନ୍ତି, ଉତମ କୁମାର ମାଇତି ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ମା ଅଲେଖନାହାଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ଖୁଂଟିଆ, ସହକାରୀ ଶିକ୍ଷକ ବିଭୂତି ଭୂଷଣ ଦାସ, ସୁରେନ୍ଦ୍ର କୁମାର ନାୟକ, ଗାୟତ୍ରୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରାରମ୍ଭିକ ସଙ୍ଗୀତ କାର୍ଯ୍ୟକ୍ରମ ମଧ୍ୟ ପରିବେଶଣ କରାଯାଇଥିଲା ।

# ଭୋଟଦାନ କେନ୍ଦ୍ରକୁ ଯିବା ରାସ୍ତା ଶୋଚନୀୟ

ସାଲେପୁର, (ସବ୍ୟୁ) : ସାଲେପୁର ବ୍ଲକ ଅଧିନ ବୁଥ ନଂ୨୨୩ ବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟରେ ଭୋଟ ଗ୍ରହଣ କେନ୍ଦ୍ର ହେଉଥିବା ବେଳେ ଏହି କେନ୍ଦ୍ରକୁ ଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି । ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ଜୁନ ୧ ତାରିଖରେ ଭୋଟ ଗ୍ରହଣ ହେବ । ଏହି ବୁଥ ନଂ୨୨୩ରେ ବଲ୍ଲଭପୁର ରାଜସ୍ୱ ଗ୍ରାମର ଆଂଶିକ, ନଇଗୁଆଁ ରାଜସ୍ୱ ଗ୍ରାମର ଆଂଶିକ ଓ ବାଲିଆ ରାଜସ୍ୱ ଗ୍ରାମର ଆଂଶିକ ପ୍ରାୟ ୧୨୦୦ ରୁ ଉର୍ଦ୍ଧ୍ୱ ଭୋଟର ମତଦାନ କରିବାକୁ ଥିବା ବେଳେ ଏହି ଅତି କଦର୍ଯ୍ୟ ରାସ୍ତାରେ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା ଏବେ ପ୍ରମୁଖ ସମସ୍ୟା ପାଲଟିଛି । ୫ନଂ କେନାଲ ବନ୍ଧ ରାସ୍ତା ଯାହାକି ଶିଶୁଆ-ମଡଙ୍ଗା ଭାୟା ଛାଣିପୁର କୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଇ ୧୯/୦୯/୨୦୨୨ରିଖ ରୁ କାର୍ଯ୍ୟ ଆରମ୍ଭ ହୋଇ କାର୍ଯ୍ୟର ଶେଷ ଅବଧି ୧୮ ଅଗଷ୍ଟ ୨୦୨୩ ସୁଦ୍ଧା ଥିଲା । ଏହି କାର୍ଯ୍ୟ ନିମନ୍ତେ ଠିକାଦାର ରୂପେ ଡିପିଏସ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼ କାର୍ଯ୍ୟ ଆରମ୍ଭ କରିଥିଲା ।

ଗ୍ରାମ୍ୟ ନିର୍ମାଣ ବିଭାଜନ-୧ ନୂଆବଜାର ଅଧୀନରେ ହେଉଥିବା ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଫେବୃଆରୀ ୨୦୨୪ ରୁ ଉକ୍ତ ଠିକାଦାର ସଂସ୍ଥା ଏହି ରାସ୍ତାକୁ ଅଧାପନ୍ତରିଆ ଭାବେ ପକାଇ ଛାଡି ପଳାଇଯାଇଛି । ବିଶେଷ କରି ବଲ୍ଲଭପୁର ରାଜସ୍ୱ ଗ୍ରାମ ନିକଟରେ ରାସ୍ତାଟିକୁ କେନାଲବନ୍ଧର ମାଟି ତାଡି ଖାଲ ଖମା କରି ପଳାଇଛି । ଫଳରେ ରାସ୍ତାରେ ପାଦରେ ଚାଲି ଚାଲି ଯିବା ଅସମ୍ଭବ ହୋଇ ପଡ଼ିଛି । ବର୍ତ୍ତମାନ ରାସ୍ତା କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ସମୟ ହୋଇଥିବା ବେଳେ ଏଥିପ୍ରତି ନା ସମ୍ପୃକ୍ତ ଠିକାଦାର ସଂସ୍ଥା ନା ଗ୍ରାମ୍ୟ ନିର୍ମାଣ ବିଭାଜନ-୧ ନୂଆବଜାର କେହି ଦୃଷ୍ଟି ଦେଉନାହାନ୍ତି । ଏହି ବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟରେ ହେଉଥିବା ମତଦାନ କେନ୍ଦ୍ରକୁ ଯିବା ପାଇଁ ବିକଳ୍ପ ରାସ୍ତା ମଧ୍ୟ ନାହିଁ । କରିବେ ସେଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ଅଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ,ବିଭାଗୀୟ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଦାବି କରିଛନ୍ତି ।

# କେନାଲ ଗାର୍ଡ଼ୱାଲ ନିର୍ମାଣ କାର୍ଯ୍ୟ ବନ୍ଦ ହେଲା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : କେନ୍ଦୁପାଟଣା ଜଳସେଚନ ବିଭାଗ ଅଧିନରେ ଥିବା ୮ଇ-୧ କେନାଲ ବନ୍ଧ ପାର୍ଶ୍ୱରେ ଚାଲିଥିବା ଗାର୍ଡ଼ ୱାଲ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଜଳସେଚନ ବିଭଗରୁ ଅନୁମତି ନନେଇ କେନାଲର ଶଯ୍ୟା ମଝିରେ ଏହି ଗାର୍ଡ଼ ୱାଲ ନିର୍ମାଣ କରୁଥିଲା । ଯାହାଦ୍ୱାରା ଚାଷ ଜମି ଜଳସେଚିତ ହେବା ପାଇଁ ସମସ୍ୟା ଉପୁଜିବାକୁ ଆଶଙ୍କା ନେଇ ଚାଷୀମାନେ ଜଳସେଚନ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ଜଳସେଚନ ନର୍ଥ ଡ଼ିଭିଜନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସନ୍ଦୀପ କୁମାର , କେନ୍ଦୁପାଟଣା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକ ଓ ଅଚ୍ୟୁତପୁର ସେକସନର କନିଷ୍ଠ ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଏହାର ବିଧିବଦ୍ଧ ତଦନ୍ତ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅନୁମତି ନିଆନଯାଇ କେନାଲ ଶଯ୍ୟା ମଝିରେ ବେଆଇନ ଗାର୍ଡ଼ ୱାଲ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ଜଳସେଚନରେ ସମସ୍ୟା ହେବ ବୋଲି ଉପଲବ୍ଧି କରି ଏଭଳି ପଦକ୍ଷେପ ନେଇଛନ୍ତି । ଯେତିକି ଗାର୍ଡ଼ ୱାଲ ନିର୍ମାଣ ହୋଇଛି ତା'ପରେ ଆଉ ନିର୍ମାଣ କାର୍ଯ୍ୟ ନକରାଯିବାକୁ କେନ୍ଦୁପାଟଣା ଜଳସେଚନ ବିଭାଗ ନିର୍ବାହୀ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ନିକଟକୁ ପତ୍ର ଲେଖାଯାଇଛି । ତଦନ୍ତ ସମୟରେ ଜଳସେଚନ ବିଭାଗ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳକୁ ଆସିବା ପାଇଁ କୁହାଯାଇଥିଲେ ମଧ୍ୟ ସେ ନିଜେ ନଆସି କନିଷ୍ଠ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀଙ୍କୁ ପଠାଇଥିଲେ । କେବଳ ଏହି କେନାଲ ନୁହେଁ , ବିଗତ ଦିନରେ ଜଳସେଚନ ବିନା ଅନୁମତିରେ ଅନେକ ଗୁଡ଼ିଏ କେନାଲରେ ବନ୍ଧକୁ ସୁରକ୍ଷା କରି ରାସ୍ତା ଓସାରିଆ କରିବା ନିମନ୍ତେ କେନାଲ ମଝି ଶଯ୍ୟାରେ ଗାର୍ଡ଼ ୱାଲ ନିର୍ମାଣ କରିଥିବାରୁ ଜଳସେଚନରେ ସମସ୍ୟା ଉପୁଜି ବହୁ ଚାଷ ଜମି ପଡ଼ିଆ ରହିଥିବା ମଧ୍ୟ ଦେଖାଯାଇଛି ।

# ସଞ୍ଜିବନୀ ବିଦ୍ୟାମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ



କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ସହର ସଂଲଗ୍ନ ଗୁଲନଗର ମାରୁତି ଛକ ନିକଟସ୍ଥ ସଞ୍ଜିବନୀ ବିଦ୍ୟା ମନ୍ଦିରର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ମହାପାତ୍ରଙ୍କ ଅଧକ୍ଷତାରେ ଅନ୍ଧ ମୁକ ବଧିର ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ ଦାସ, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର କର ଅତିଥି ରୂପେ ଯୋଗ ଦାନ କରି କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ତାଙ୍କ ଅଭିଭାଷଣରେ ଶିଶୁଙ୍କୁ ମଣିଷରେ ଗଠନ କରିବାରେ ମାଆ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସରପଂଚଙ୍କ ଶ୍ରୀମତୀ ସାହୁ ବିଦ୍ୟାଳୟ ଓ ଆଜିର ଦିବସର ତାପର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ଅନୁଷ୍ଠାନର ସମ୍ପାଦକ ନିର୍ମଳ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ସେହିପରି ସ୍ମାରକୀ ଟ୍ରଫି ଓ ପୁରସ୍କାର ରାଶି ରାଜକିଶୋର ସାହୁଙ୍କୁ ପ୍ରଦାନ କରାଯାଇ ଥିଲା । ଗୁରୁମା ରତ୍ନମଣୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା ।

# ଅଗ୍ନିବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚିଲେ ଅତନୁ

ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ବ୍ଲକ ଜାଲକଣା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଶତ୍ରୁଘନ ପ୍ରଧାନଙ୍କର ସର୍ବସ୍ୱ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଘରର ଆସବାବପତ୍ର, ଧାନଳ ଚାଉଳ, ବିରିମୁଗ ଓ ଖଟ ପଲଙ୍କ ସର୍ବସ୍ୱ ଜଳିପୋପାଉଁଶ ହୋଇ ଯାଇଛି । ଆଜି ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନିବିପନ୍ନ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏବଂ ମନ୍ତ୍ରୀ ଶ୍ରୀ ନାୟକ ନିଜେ ଅଗ୍ନିବିପନ୍ନ ପରିବାର ନିକଟରେ ପହଂଚି ସମବେଦନା ଜଣାଇଛନ୍ତି । ମନ୍ତ୍ରୀ ଶ୍ରୀ ନାୟକଙ୍କ ବ୍ୟତୀତ ମହାକାଳପଡ଼ା ପଂଚାୟତର ସରପଂଚ ରତିକାନ୍ତ ପଣ୍ଡା, ସମବାୟ ସମିତି ସଭାପତି ସଂଜୟ ଜେନା, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁରଭିଜେନା, ପୂର୍ବତନ ସରପଂଚ ରବିନ୍ଦ୍ର ପାଳ, ପ୍ରଭାତ ରାଉତ, ଅଭିଳାଷ ଦାସ, ଗୌତମ ମଲିକଙ୍କ ସମେତ ବିଜୁ ଜନତା ଦଳର ବହୁ ମୁରବି ଉପସ୍ଥିତ ରହିଥିଲେ ।

# ବୈତରଣୀ ପୂଜନ ଓ ବାରୁଣୀ ଘାଟ ସଫେଇ




ଯାଜପୁର, (ସବ୍ୟୁ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଦଶାଶ୍ୱମେଧ ଘାଟ ଓ ବାରୁଣୀ ଘାଟର ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ବୈତରଣୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି । ଆଜି ସକାଳୁ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଏକତ୍ରିତ ହୋଇ ପ୍ରଥମେ ବୈତରଣୀ ନଦୀକୁ ପୂଜାର୍ଚ୍ଚନା କରାଯିବା ସହିତ ପବିତ୍ର ବାରୁଣୀ ଘାଟକୁ ସଫେଇ କରାଯାଇଥିଲା । ଯେହେତୁ ଭାରତରୁ ବିଭନ୍ନ କୋଣ ଅନୁକୋଣରୁ ଭକ୍ତମାନେ ଆସି ବାରୁଣୀ ଘାଟରେ ବୈତଣୀ ନଦୀରେ ସ୍ନାନ କରନ୍ତି । ତେଣୁ ଏବର୍ଷ ମହା ମହା ବାରୁଣୀ ସ୍ନାନ ଯୋଗ ରହିଛି ।

ସେଥିପାଇଁ ବହୁ ଭକ୍ତମାନଙ୍କ ସମାଗମ ହେବ, ସେଥି ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ, ଯାଜପୁର ପୌରପାଳିକା ପକ୍ଷରୁ ଭକ୍ତମାନଙ୍କର ବିଭିନ୍ନ ସୁବିଧା ନିମନ୍ତେ ବ୍ୟବସ୍ଥା କରାଯାଇଛି । ତା ସହିତ ବାରୁଣୀ ଘାଟର କିପରି ଅଧିକ ପରିଷ୍କାର ପରିଚ୍ଛନ୍ନ ବଜାୟ ରହିବ ସେଥିପାଇଁ ଅନ୍ୱେଷଣ ତାର ଯଥାସମ୍ଭବ ଚେଷ୍ଟା କରିଥାଏ । ଆଜିର ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ବରିଷ୍ଠ ସଦସ୍ୟ କିଶୋର କୁମାର ଦାସ, ଶିଶିର କୁମାର ମହାପାତ୍ର, ସୁଶାନ୍ତ କୁମାର ନାଏକ, ଅଶୋକ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପତି, ଶକୁନ୍ତଳା ବେହେରା, ମୋନାଲିସା ବେହେରା, ରଞ୍ଜୁଲତା ସେଠୀ, ମଧୁସ୍ମିତା ରଥ, ଗୋପାଳ ଚନ୍ଦ୍ର ବେହେରା, ସଦସ୍ୟା ସଞ୍ଜୁକ୍ତା ପଣ୍ଡା, ସ୍ମୃତି ଦାସ, ମନିଷା ରାଉତ, ଅନିନ୍ଦିତା ସ୍ୱାଇଁ, ଦିବ୍ୟଜ୍ୟୋତି ଦାଶ, ପ୍ରଭଞ୍ଜନ ଜେନା, ସାଇ ସନ୍ତୋଷିନୀ ଜେନା, ମଞ୍ଜୁଲତା ମହାପାତ୍ର, ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ପିପିପିଏଲ ପକ୍ଷରୁ ଗରିବ ଅସହାୟଙ୍କୁ ରାସନ ସାମଗ୍ରୀ ବଣ୍ଟନ

ତିର୍ତ୍ତୋଲ, (ସବ୍ୟୁ) : ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିଶନପୁର ପଞ୍ଚାୟତ ନଦାମହଲା ଠାରେ ପାରାଦ୍ୱୀପ ପରିବହନ ପ୍ରାଇଭେଟ ଲିମିଟେଡର ପରିଚାଳନ ନିର୍ଦ୍ଦେଶକ ଖାଲିଦ ଖାନଙ୍କ ଖାନ ଫାଉଣ୍ଡେସନ ସହଯୋଗରେ ଅସହାୟ ଗରିବ ପରିବାରଙ୍କୁ ରାସନ ସାମଗ୍ରୀ ପ୍ୟାକେଟ ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦ୍ୱୀପ ପରିବହର ନିର୍ଦ୍ଦେଶକ ପ୍ରଭାତ କୁମାର ନନ୍ଦୀ, କାର୍ଯ୍ୟନିବାହୀ ଅଧିକାରୀ ଫଇସଲ ଖାନ, ସେକ ସୁଭାନୀ, ମହମ୍ମଦ ସୈଫ ଖାନ, ଜିଏମ କୋର୍ପୋରେଟ କାର୍ଯ୍ୟାଳୟ ଆଜମ ଅଲ୍ଲୀ, ସେକ ମହସିନ ଅଲ୍ଲୀ, ସେକ ସଲାଉଦ୍ଦିନ, ସେକ ସୈଫତ ଅଲ୍ଲୀ, ସେକ ଇମ୍ରାନ ଅଲ୍ଲୀ, ସେକ ସାକିବ ଅଲ୍ଲୀ, ସେକ ଆକିବ ଅଲ୍ଲୀ, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗରିବ ଅସହାୟ ପରିବାରକୁ ଏହି ରାସନ ସାମଗ୍ରୀ ପ୍ୟକେଟ ବଣ୍ଟନ କରିଥିଲେ ।

# ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଉଦୟଗିରି, (ସବ୍ୟୁ) : ବଡଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ନାମଲେଖା ଓ ପ୍ରବେଶ ଉତ୍ସବ ପାଳନ ହୋଇଯାଇଛି । ସରକାରଙ୍କ ନିୟମ ଅନୁଯାୟୀ ୬ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇ ପାରିବେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତଛାତ୍ରୀମାନେ ବିଦ୍ୟାଳୟରୁ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗାଁ ଗାଁ ବୁଲିଥିଲେ ।

ସରକାର ପିଲାମାନଙ୍କ ପଢିବା ପାଇଁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହି, ଡ୍ରେସ୍ ମାଗଣାରେ ଦିଆଯିବ । ବିଦ୍ୟାଳୟ ଗଲେ ନୂଆ ନୂଆ ସାଙ୍ଗସାଥି ସହିତ ଖେଳିବା ପାଇଁ ସୁଯୋଗ ମିଳିବ । ପିଲାମାନଙ୍କୁ ପଢିବା ପାଇଁ ବିଦ୍ୟାଳୟ ବାଟ ଦେଖାଇବ । ଆମେ ପଢିଲେ ଆମେ ବଢିବା ଆଦି ସ୍ଲୋଗାନ ଦେଇ ଗାଁ କୁ ଗାଁ ବୁଲି ପିଲାମାନେ ଏହି ବର୍ଷ ପାଇଁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ କହୁଥିବାର ଶୁଣିବାକୁ ମିଳିଥିଲା । ଏହି ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ରାକେଶ କୁମାର ବାରିକ ଯୋଗଦେଇ ପିଲାମାନେ କିପରି ବିଦ୍ୟାଳୟକୁ ଆସିବା ପାଇଁ ଆଗ୍ରହ ଦେଖାଇବେ ସେ ବିଷୟରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବିଜୟ କୁମାର ପରିଡା, ବିଘ୍ନେଶ୍ୱର ସିଂ, ଅନନ୍ତ କୁମାର ସାହୁ, ଏମ.ଡି ନସିମ, ଦେବାଶିଷ ଦାସ, ହରପ୍ରିୟା ମହାରଣା, ରୋନିଲତା ତରାଇ, ଶୁଭସ୍ମିତା ପରିଡା, ଦେବୀଦତ୍ତା ଦେବସ୍ମିତା ଦାସ, ମଧୁସ୍ମିତା ପଣ୍ଡା, ଅମ୍ରିତା ସିଂ, ଭାରତୀ ରାୟ, ଶୁଭଶ୍ରୀ ମହାନ୍ତି, ରଶ୍ମିତା ରାୟ, ସ୍ନେହଲତା ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

